ପାଠ-୨୧

# ପଳା ପଳା, ପୃଥିବୀ ଫାଟିଲା

ଶୃଗାଳଟିଏ ବଣରେ ବୁଲୁଥିଲା । ବେଲଗଛ ଦେଇ ଗଲାବେଳେ ପଛରୁ ଜୋର୍‌ରେ ଶୁଭିଲା 'ଠୋ' । ଶୃଗାଳ ଏକମୁହାଁ ହୋଇ ଦୌଡ଼ିଲା । ବାଟରେ ଠେକୁଆ ପଚାରିଲା, "କ'ଣ ହେଲା ?"



ପଳାଅ ପଳାଅ, ପୃଥିବୀ ଫାଟିଗଲା । ଆଗ ପଛ ହୋଇ ଦୁହେଁ ଦୌଡ଼ିଲେ । ମୃଗ ପଚାରିଲା, "କ'ଣ ହେଲା ?" ପଳାଅ ପଳାଅ, ପୃଥିବୀ ଫାଟିଗଲା । ବାଟଯାକ ଯିଏ ଯାହାକୁ ଦେଖିଲା କହିଲା, ପଳାଅ ପଳାଅ, ପୃଥିବୀ ଫାଟିଗଲା.....

ବଣରୁ ସବୁଜୀବ ଦୌଡୁଥିବାର ଦେଖି ସିଂହ ରାଜା ପଚାରିଲେ, "କ'ଣ ହେଲା ?" ସଭିଏଁ କହିଲେ, ପୃଥିବୀ ଫାଟିଗଲା। ସିଂହରାଜା ବୁଝି ଜାଣିଲେ କଥାଟି ଶୃଗାଳ କହିଛି। ରାଜାଙ୍କ ସହିତ ଯିବା ପାଇଁ କେହି ରାଜି ହେଲେ ନାହିଁ।



ରାଜାଙ୍କ ସହ ହାତୀ ଶୃଗାଳକୁ ଧରି ବେଲ ଗଛ ପାଖକୁ ଗଲେ। ଦେଖିଲେ ବେଲଟାଏ ଦୁଇଫାଳ ହୋଇ ପଡ଼ିଛି।



# ଅଭ୍ୟାସ

୧. ଛବିର ନାମ ପାଇଁ ଖାଲିଜାଗା ପୂରଣ କରିବା ।









| | | ଶଗାଲ | କଷକ |
|---|---|---|---|
| ☐ ଷି | ☐ ଗ | ☐ | ☐ |

୨. ଘରେ ପୋଷୁଥିବା ପଶୁ ପକ୍ଷୀର ଚିତ୍ରକୁ ଘର ଛବି ସହ ଓ ବଣରେ ରହୁଥିବା ପଶୁପକ୍ଷୀ ଛବିକୁ ବଣ ଛବି ସହ ଯୋଡ଼ିବା ।



## ୩. ୧୦ଟଙ୍କାରେ କି କି ଜିନିଷ କିଣି ପାରିବା ।


୩ ଟଙ୍କା


୩ ଟଙ୍କା


୨ ଟଙ୍କା


୧ ଟଙ୍କା


୪ ଟଙ୍କା


୯ ଟଙ୍କା


୨ ଟଙ୍କା

## ୪. ଖାଲିଘରେ କେତେ ହେବ ଲେଖିବା ।

 ୯ଟି +  ୭ଟି = ____

 ____ +  ____ = ____

 ____ +  ____ = ____

## ୫. ଆସ ଯୋଡ଼ିବା, ଯେପରି –

| | |
|---|---|
| ୬ +୪ | ୬ + ୫ |
| ୮ + ୩ | ୫ + ୭ |
| ୯ + ୭ | ୭ + ୩ |
| ୬ + ୬ | ୮ + ୮ |

୬. ଲେଖାଥିବା ଶବ୍ଦକୁ ଖାଲିଘରେ ଲେଖିବା ।

| | | | | | |
|---|---|---|---|---|---|
| ଶୃଗାଳ | | ମୃଗ | | କୃଷକ | |
| ପୃଥିବୀ | | କୃମି | | କୃପା | |

୭. ଖାଲିଘରେ ଛବି କରିବା ଓ = ଚିହ୍ନ ପରେ ଖାଲିଘରେ କେତେ ହେବ ଲେଖିବା ।

____ ୭ଟି ଫୁଲ + ____ ୫ଟି ଫୁଲ = ____ ଟି ଫୁଲ

____ ୮ଟି କାଠି + ____ ୮ଟି କାଠି = ____ ଟି କାଠି

____ ୫ଟି ବଲ୍ + ____ ଟି ବଲ୍ = ୧୪ ଟି ବଲ୍

୮. କ) ପାଠ ୨୧ରେ 'ଋ'କାର ( ୃ ) ଥିବା ଶବ୍ଦ ଗଣିବା ଓ କେତେ ହେଲା କହିବା ।

ଖ) ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖିବା -

ଗାଳଶୃ ____ ବୀପୃଥି ____

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପ୍ରଥମେ ପିଲା ପ୍ରଥମ ଚିତ୍ର ଦେଖିବେ ଓ ତା'ପରେ ଦ୍ୱିତୀୟ ଚିତ୍ର ପର୍ଯ୍ୟନ୍ତ ଶିକ୍ଷକ ଓ ପିଲା ପଢ଼ିବେ।
- ଦ୍ୱିତୀୟ ଓ ଶେଷଚିତ୍ର ପିଲା ଦେଖିବେ ଓ ତା'ପରେ ପାଠର ଶେଷଭାଗ ପଢ଼ାହେବ।
- ପଢ଼ାବେଳେ ଶୃଗାଳ, ପୃଥିବୀ, ମୃଗ ଇତ୍ୟାଦି ଶବ୍ଦର ଉଚ୍ଚାରଣ ଉପରେ ଜୋର ଦିଆଯିବ।
- ପଢ଼ାସରିବାକ୍ଷଣି ଶିକ୍ଷକ କିଛି ପ୍ରଶ୍ନ ସାହାଯ୍ୟରେ ଆଲୋଚନା କରିବେ, ଯେପରି - କିଏ ବଣରେ ବୁଲୁଥିଲା ?

  କିଏ ଏକ ମୁହାଁ ହୋଇ ଦୌଡ଼ିଲା ?

  କ'ଣ ଫାଟିଛି ବୋଲି ଶୃଗାଳ ଠେକୁଆକୁ କହିଲା ?

  ବଣର ରାଜା କିଏ ? ଶେଷରେ ହାତୀ କ'ଣ ଦେଖିଲା ?
- ଅଭ୍ୟାସ ୮ (କ) ପ୍ରଶ୍ନ ଶିକ୍ଷକ ପଚାରିବେ ଓ ପାଠରୁ ( ୃ ) ମାତ୍ରା ଥିବା ଶବ୍ଦ ଗଣିବା ପାଇଁ ସମୟ ଦେବେ। ଆବଶ୍ୟକ ହେଲେ ଗୋଟିଏ ଶବ୍ଦର ଉଦାହରଣ ଦେବେ।
- ଅଭ୍ୟାସ ୮ (ଖ) ପରି ଆଉ କିଛି ଅସଜଡ଼ା ଶବ୍ଦ ଦେଇ ସଜାଡ଼ି ଲେଖିବା କାମ ଦିଆଯିବା ଆବଶ୍ୟକ।
- ମାଟିରେ ଗୋଟିଏ କଦଳୀ ଓ ଗୋଟିଏ ସେଓ ତିଆରି କରି ରଙ୍ଗ ଦେବା କାମ ଦିଆଯିବ।
- ୨୨ ପିରିଅଡ଼ର ଏଇ ପାଠରୁ ଶିକ୍ଷାର୍ଥୀଙ୍କ 'ଋ'କାର ଥିବା ଶବ୍ଦ ଚିହ୍ନିବା, ଲେଖିବା, 'ଋ'ଅକ୍ଷର ଚିହ୍ନିବା ଓ ପଢ଼ିବା, ନକଲ କରି ଲେଖିବା, ଯୋଗଫଳ ୧୮ ହେଉଥିବା ଦୁଇଟି ସଂଖ୍ୟାର ଯୋଗ କରିବା, ମୁଦ୍ରାର ବ୍ୟବହାର ଦର୍ଶାଇବା, ଗୃହପାଳିତ ଓ ବଣର ଜୀବଜନ୍ତୁଙ୍କୁ ଚିହ୍ନିବା, ଶବ୍ଦ ଗଢ଼ିବା ଓ ଭାବ ବୁଝି ପ୍ରକାଶ କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।